## ଚୋରି ଅଭିଯୋଗରେ ୨ ଗିରଫ

କୁଳିଅଣା,(ଗୋପୀନାଥ ବେହେରା)- କୁଳିଅଣା ଥାନା ପୋଲିସ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୌଡ଼ରମା ଗ୍ରାମର ଅଭିମନ୍ୟୁ ନାଏକ ଓ ଯୋଗେଶ୍ୱର ନାଏକ। ଏନେଇ ଥାନାରେ ମାମଲା (ନଂ.୯୮/୨୩) ରୁଜୁ ପରେ ଶୁକ୍ରବାର ପୋଲିସ ଉଭୟଙ୍କୁ କୋର୍ଟଚାଲାଣ କରିଛି। ଗୁରୁବାର ଅପରାହ୍ନରେ ଗୌଡ଼ରମା ଗ୍ରାମର ଭୁବନେଶ୍ୱର କରଙ୍କ ଗୋଟିଏ ଛେଳି ରାସ୍ତାକଡ଼ରେ ଚରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ତାହାକୁ ଚୋରାଇ ନେଉଥିଲେ। ଛେଳି ମାଲିକଙ୍କ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସଂକ୍ଷେପରେ

### ତୁରୁମୁଙ୍ଗାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ପାଟଣା,୨୮।୭(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନାରେ ଶୁକ୍ରବାର ନୂତନ ଅଧିକାରୀ ଭାବେ ଇନ୍ଦ୍ରଜିତ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏଥି ପୂର୍ବରୁ ସୁନ୍ଦରଗଡ଼ ଜିଲା ସଦର, ଭସ୍ମା ଓ ପିଞ୍ଜିରିକେଲା ଥାନରେ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ସେ ତୁରୁମୁଙ୍ଗା ଅଞ୍ଚଳର ଆଇନଶୃଙ୍ଖଳା ରକ୍ଷା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହ ସମସ୍ତ ଅପରାଧିକ କାର୍ଯ୍ୟକଳାପରେ ରୋକ ଲଗାଇବା ଉପରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ମୋରଡ଼ାରୁ ଅପହୃତା ନାବାଳିକା ତେଲଙ୍ଗାନାରୁ ଉଦ୍ଧାର

ମୋରଡା,୨୮।୭(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ତେଲଙ୍ଗାନାରୁ ଉଦ୍ଧାର କରିଛି। ଗତ ଏପ୍ରିଲ ୧୩ ତାରିଖରେ ନାବାଳିକା ଜଣକ ନିଖୋଜ ହୋଇଥିବା ନେଇ ତାଙ୍କ ବାପା ମୋରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୧୨୫/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଚଳିତ ମାସ ୨୫ ତାରିଖରେ ଉକ୍ତ ନାବାଳିକାଙ୍କୁ ତେଲଙ୍ଗନା ରାଜ୍ୟର ଜେଡିମେତଲା ଅଞ୍ଚଳରୁ ଉଦ୍ଧାର କରାଯିବା ସହ ଅପହରଣକାରୀ ପ୍ରଶାନ୍ତ କୁମାର ବେହେରାଙ୍କୁ କୋର୍ଟଚାଲାଣ କରାଯାଇଥିବା ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ବିଦେଇପୁର ସମିତିସଭ୍ୟ ପଦ ଅସିଦ୍ଧ ଘୋଷଣା କଲେ କୋର୍ଟ

ବାସୁଦେବପୁର,୨୮।୭(ନାରାୟଣ ପ୍ରସାଦ ବାରିକ): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତ ସମିତିସଭ୍ୟ ଶରତ କୁମାର ମଲିକଙ୍କ ପଦକୁ ଅସିଦ୍ଧ ଘୋଷଣା କରିଛନ୍ତି ବାସୁଦେବପୁର ଦେୱାନୀ ଅଦାଲତ। ଗତ ପଞ୍ଚାୟତ ନିର୍ବାଚନରେ ଶରତ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ୩ଟି ସନ୍ତାନ ଥିବା ଦର୍ଶାଇ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଚତୁର୍ଭୁଜ ସେଠୀ ଦେୱାନୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ନିର୍ବାଚନ ସମ୍ବନ୍ଧୀୟ ମାମଲା (ନଂ.୧/୨୨) ରୁଜୁ ହୋଇଥିଲା। ଶୁକ୍ରବାର କୋର୍ଟ ଏହି ମାମଲାର ଶୁଣାଣି କରି ଶରତଙ୍କ ପଦକୁ ଅସିଦ୍ଧ ଘୋଷଣା କରିବା ସହ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଚତୁର୍ଭୁଜଙ୍କୁ ଏହି ପଦବୀରେ ନିଯୁକ୍ତି ପାଇଁ ରାୟ ପ୍ରକାଶ କରିଛନ୍ତି। ଚତୁର୍ଭୁଜଙ୍କ ପକ୍ଷରୁ ଆଇନଜୀବୀ ତଥା ଓକିଲ ସଂଘ ସମ୍ପାଦକ ମାନସ କୁମାର ନାୟକ ମାମଲା ଲଢ଼ିଥିଲେ। କୋର୍ଟ ପକ୍ଷରୁ ଏହି ରାୟକୁ ବାସୁଦେବପୁର ବିଡିଓ ଏବଂ ଭଦ୍ରକ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଥିବା ଆଇନଜୀବୀ ନାୟକ କହିଛନ୍ତି।

# ‘ଜଙ୍ଗଲ ଜମି ଫେରାଅ, ନ ହେଲେ ଆନ୍ଦୋଳନ’

### ବନବାସୀଙ୍କ ଅଧିକାର ନେଇ ଦଳିତ-ଆଦିବାସୀ ମହାସଂଘର ଚେତାବନୀ

ବାରିପଦା,୨୮।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ଆଦିବାସୀ ଓ ବନବାସୀଙ୍କୁ ନ୍ୟାୟୋଚିତ ଅଧିକାର ପ୍ରଦାନ କରିବାକୁ ନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦଳିତ-ଆଦିବାସୀ ମହାସଂଘର ସଭାପତି ରାକେଶ ସିଂଙ୍କ ନେତୃତ୍ୱରେ ବନବିଭାଗ ଦ୍ୱାରା ବନବାସୀଙ୍କୁ ଦିଆଯାଉଥିବା ନିର୍ଯାତନା ଓ ସେମାନଙ୍କ ଜୀବନଜୀବିକାକୁ ନେଇ ଉପୁଜୁଥିବା ସମସ୍ୟାର ସମାଧାନ କରିବାକୁ ବୈଠକରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି । ଏକମାସ ମଧ୍ୟରେ ଦାବି ପୂରଣ ନ ହେଲେ ଶିମିଳିପାଳ ଅଭୟାରଣ୍ୟର ବଫର ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏପରିକି ଜଙ୍ଗଲ ମଧ୍ୟକୁ ବନକର୍ମଚାରୀଙ୍କୁ ପ୍ରବେଶ କରିବାକୁ ବାରଣ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

୨୦୧୧ ଜନଗଣନା ଅନୁଯାୟୀ ଜିଲାରେ ୩୫ଲକ୍ଷ ୨ହଜାର ୪୩୬ ଜନସାଧାରଣଙ୍କ ମଧ୍ୟରୁ ୨୦ଲକ୍ଷ ଲୋକ ଆଦିବାସୀ ବର୍ଗର। ୩ହଜାର ୩୬ଟି ଗ୍ରାମ ମଧ୍ୟରୁ ୨୬୩୩ ଗ୍ରାମରେ ଜଙ୍ଗଲ ଅଧିକାର ଆଇନ ସଂଯୁକ୍ତ(ଏଫ୍‌ଆର୍‌ଏ) ଗ୍ରାମ ରହିଛି। ଏହି ସବୁ ଗ୍ରାମର ଆଦିବାସୀ ସମ୍ପ୍ରଦାୟ ପାଇଁ କମ୍ୟୁନିଟି ଫରେଷ୍ଟ ରିସୋର୍ସ ରାଇଟକୁ ତୁରନ୍ତ ସ୍ୱୀକୃତି ଦିଆଯିବା ଉଚିତ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଯାହା ଦ୍ୱାରା ଜଙ୍ଗଲର ମାଲିକାନା ବନବିଭାଗ ପରିବର୍ତ୍ତେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନେଇ ଗଠିତ ଗ୍ରାମସଭା ଦ୍ୱାରା ସ୍ୱୀକୃତ ଗ୍ରାମ ପରିଷଦ ପରିଚାଳନା, ବ୍ୟବହାର ଏବଂ ସଂରକ୍ଷଣ ପାଇଁ ନିଜସ୍ୱ ନିୟମାବଳୀ ଗଠନ କରିବାକୁ ଗ୍ରାମସଭା ସ୍ୱାଧୀନ ହେବା ଉଚିତ ବୋଲି କୁହାଯାଇଛି।

ଜଙ୍ଗଲରେ ରହୁଥିବା ଆଦିବାସୀମାନଙ୍କ ପାଇଁ ଜାହିରା ସ୍ଥଳୀ (ପୂଜାସ୍ଥଳ)କୁ କମ୍ୟୁନିଟି ରାଇଟ(ପଟ୍ଟା) ପ୍ରଦାନ କରାଯାଉ। ଜଙ୍ଗଲ ବିଭାଗ ଏବଂ ଜଙ୍ଗଲରେ ଆଦିବାସୀମାନଙ୍କ ମଧ୍ୟରେ ବିବାଦ ଦେଖାଦେଲେ ନିରୀହ ଆଦିବାସୀଙ୍କ ବିରୋଧରେ ମାମଲା ରୁଜୁ କରିବା ପରିବର୍ତ୍ତେ ଗ୍ରାମସଭା କିମ୍ବା ଅଭିଯୋଗ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଏହାକୁ ପ୍ରଥମେ ଗ୍ରାମସ୍ତରରୁ ସମାଧାନ କରାଯାଉ, ବନ୍ୟଜନ୍ତୁ କିମ୍ବା ହାତୀ ଦ୍ୱାରା କ୍ଷତିଗ୍ରସ୍ତ ବନବାସୀଙ୍କୁ ୪ଲକ୍ଷ ପ୍ରତିବଦଳରେ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ପରିବାରର ଜଣକୁ ନିଯୁକ୍ତି ପ୍ରଦାନ କରିବା ଦାବି ଉଲ୍ଲେଖ କରାଯାଇଛି। ଶିକାର ରୋକିବା ଆଳରେ ବନବାସୀମାନଙ୍କୁ ଜଙ୍ଗଲ ମଧ୍ୟକୁ ନ ଛାଡ଼ିବା ଦ୍ୱାରା ସେମାନଙ୍କ ଜୀବନ ଜୀବିକାରେ ସମସ୍ୟା ଦେଖାଦେଇଛି । ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ଜୀବିକା ନିର୍ବାହ କରୁଥିବା ବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଯୋଗୁ ସେମାନେ ଚିନ୍ତାରେ ପ୍ରମାଦ ଗଣୁଛନ୍ତି। ଏପରିକି ଜାଳେଣି କାଠ ସଂଗ୍ରହ କରୁଥିବା ଲୋକମାନଙ୍କଠାରୁ କାଠ ଜବତ କରାଯାଉଥିବା ବେଳେ ପ୍ରତିଦିନ ଟ୍ରକ୍ ଟ୍ରକ୍ କାଠ ଚୋରାରେ ବାରିପଦା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟକୁ କିପରି ଚାଲାଣ ହେଉଛି ତାହାକୁ ନେଇ ମହାସଂଘ ପ୍ରଶ୍ନ ଉଠାଇଛି। ଆମକୁ ଜଙ୍ଗଲ ଜମି ଫେରାଇ ଦିଅ ନଚେତ ଆନ୍ଦୋଳନକୁ ଜୋରଦାର କରିବୁ ବୋଲି ଉପସ୍ଥିତ ବନବାସୀ ବିଜୟ ବିଶ୍ୱାଳ, ଜୟସିଂ ଦେହୁରୀ, ଅଭିରାମ ମାଙ୍କିଡିଆ ଓ ଦଗଲ ମାଙ୍କିଡିଆ ପ୍ରମୁଖ ପ୍ରକାଶ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଦଳିତ-ଆଦିବାସୀ ମହାସଂଘର କର୍ମକର୍ତ୍ତାମାନେ।

# ୧୫ଦିନ ମଧ୍ୟରେ ନିର୍ମାଣ ସାମଗ୍ରୀ ନ ମିଳିଲେ କାମ ବନ୍ଦ

### ଚେତାବନୀ ଦେଲା ସରକାରୀ ଠିକାଦାର ସଂଘ




ସଭାରେ ସରକାରୀ ଠିକାଦାର ସଂଘର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ବାଲେଶ୍ୱର, ୨୮।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ସରକାରୀ ଠିକାଦାର ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଦୀପ୍ତିକାନ୍ତ ମହାପାତ୍ର ସଭାପତିତ୍ୱ କରି ଠିକାଦାରମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଜିଲାରେ ନିର୍ମାଣ ସାମଗ୍ରୀ ଆବଶ୍ୟକ ଅନୁଯାୟୀ ମିଳୁ ନ ଥିବାରୁ ବିଭିନ୍ନ ଉନ୍ନୟନମୂଳକ ସରକାରୀ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଯାଇଛି। ସଂଘ ତରଫରୁ ଜିଲାପାଳଙ୍କୁ ଏନେଇ ପୂର୍ବରୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲାର ସବୁ ଅଞ୍ଚଳରେ ତହସିଲଦାର ଓ ଆର୍‌ଆଇମାନେ ପ୍ରତିବନ୍ଧକ ସାଜୁଥିବାରୁ ଉନ୍ନୟନମୂଳକ କାମଗୁଡ଼ିକ ହୋଇପାରୁନି। ବିଭିନ୍ନ ପ୍ରକଳ୍ପର ଚୁକ୍ତିନାମା ଅନୁସାରେ ଠିକ୍ ସମୟରେ କାର୍ଯ୍ୟ ଶେଷ ନ ହେବାରୁ ବେଆଇନ ଭାବେ ଠିକାଦାରମାନଙ୍କ ଉପରେ ବିଭାଗୀୟ ଅଧିକାରୀ ଜରିମାନା ଆଦାୟ କରୁଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ଜିଲାପାଳ ଓ ସମସ୍ତ ନିର୍ମାଣ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବାକୁ ସ୍ଥିରୀକୃତ ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଆବଶ୍ୟକ ମୁତାବକ ନିର୍ମାଣ ସାମଗ୍ରୀ ନ ମିଳିଲେ ଜିଲାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବାଧ୍ୟ ହୋଇ ବନ୍ଦ ରଖିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ କମଳାକାନ୍ତ ପଣ୍ଡା, ଅଦ୍ୱୈତ ଖୁଣ୍ଟିଆ, ଫାଲଗୁନୀ ମହାପାତ୍ର, ସୁଜାତ ମଣ୍ଡଳ, ରଣଜିତ ବିଶ୍ୱାଳ, ସଞ୍ଜୟ କୁମାର ଦେ, ରାମଚନ୍ଦ୍ର ମହାକୁଡ଼, ନରେନ୍ଦ୍ର ପ୍ରସାଦ ରାଜ, ପୂର୍ଣ୍ଣେନ୍ଦୁ ପ୍ରଧାନ, ବିଜୟ ସିଂ, ରବୀନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅମୋଲ ପଣ୍ଡା, ହରେକୃଷ୍ଣ ପଣ୍ଡା, ପ୍ରଫୁଲ୍ଲ ପରିଡ଼ା, ଉଦୟଜ୍ୟୋତି ମହାନ୍ତି, ଉପେନ୍ଦ୍ର ବେହେରା, ଲୋକନାଥ ନେଥା ପ୍ରମୁଖ ଉପସ୍ଥିତ ଥିଲେ।

# ‘ଜାତୀୟ ଭାବନା ସହ ପାଳନ କରିବାକୁ ଆହ୍ୱାନ’

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

କେନ୍ଦୁଝର,୨୮।୭
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ମହକୁମାରେ ୭୭ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସକୁ ଜାତୀୟ ଭାବନା ସହ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିବା ପାଇଁ ସହଯୋଗ କାମନା କରିଥିଲେ। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ କାର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଜିଲାସ୍ତରୀୟ ସମାରୋହ ପାଇଁ ଅଗଷ୍ଟ ୩ ସୁଦ୍ଧା ସ୍ଥାନ ନିର୍ଦ୍ଧାରଣ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ସକାଳ ୯.୧୫ମି.ରେ ଜିଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ ୪ ରୁ ୭ ମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ ଏବଂ ଦୃଷ୍ଟିଶକ୍ତିବାଧିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଇନ, ଟ୍ରାଫିକ୍ କଣ୍ଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଟକୋ କୁଜୁର, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଜିଲା ଚିକିତ୍ସା ଅଧିକାରୀ (ସ୍ୱାସ୍ଥ୍ୟସେବା) ତଥା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଭବାନୀ ଶଙ୍କର ଦେ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ଆଇଆଇସି ଟାଉନଥାନା ସୁନିଲ କର, ବିଜୟ କୁମାର ତିର୍କି ପ୍ରମୁଖ ଉପସ୍ଥିତ ଥିଲେ।

# ମାଙ୍କଡ଼ ଆକ୍ରମଣରେ ୩ ଆହତ

### ଗ୍ରାମବାସୀ ଭୟଭୀତ, ବନ ବିଭାଗ ନାକେଦମ

ରୂପସା, ୨୮।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଅସ୍ତି ଗ୍ରାମରେ ମାଙ୍କଡ ଉପଦ୍ରବ ଦେଖାଦେଇଛି। ଶୁକ୍ରବାର ମାଙ୍କଡ଼ ଆକ୍ରମଣରେ ଜଣେ ମହିଳାଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ଉଷ୍ମାନ ବିବି, ସେକ କାହ୍ନ ଓ ରଞ୍ଜୟ କୁମାର ଦାସ। ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ବନବିଭାଗ ଟିମ ଗାଁରେ ପହଞ୍ଚିଥିଲେ ହେଁ ମାଙ୍କଡ଼ମାନଙ୍କୁ ଧରିବା ତ ଦୂରର କଥା ଘଉଡ଼ାଇବାରେ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୩ ଦିନ ବ୍ୟାପୀ ଏହି ମାଙ୍କଡ଼ ଗୋଠ ଗାଁ ଛାଡ଼ି ଯାଉନାହାନ୍ତି। ପନିପରିବା, ବିଭିନ୍ନ ଫସଲ ନଷ୍ଟ କରୁଥିବା ବେଳେ ଘରେ ପଶି ମହିଳା, ପୁରୁଷଙ୍କୁ ଆକ୍ରମଣ କରୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଭୟରେ ପିଲା ମାନେ ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉନାହାନ୍ତି। ଆବଶ୍ୟକ ସ୍ଥଳେ ଗ୍ରାମବାସୀ ହାତରେ ଠେଙ୍ଗା, ଲାଠି, ମାରଣାସ୍ତ୍ର ଧରି ସଂଘବଦ୍ଧ ହୋଇ ଘରୁ ବାହାରକୁ ଯାଉଥିବା ଦେଖିବାକୁ ମିଳିଛି। ବନ ବିଭାଗ କର୍ମଚାରୀ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିଲେ। ତୁରନ୍ତ ସମସ୍ୟାର ସମାଧାନ ଦିଗରେ ବନବିଭାଗ ସମେତ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଜନ ସାଧାରଣ ଦାବି କରିଛନ୍ତି।

# ଚିପ୍ସ ପକାଇ କାମ ସାରିଦେଲେ, ରାସ୍ତାରେ ଜମୁଛି ପାଣି

### ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ



ଭଦ୍ରକ-ଆରଡ଼ି ରାସ୍ତାର ସୁନ୍ଦରପୁରଠାରେ ବର୍ଷାପାଣି ଜମିଛି।

ଆରଡି, ୨୮।୭( ଦୀପ୍ତି ରଞ୍ଜନ ନାୟକ )

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁରଠାରେ ଭଦ୍ରକ-ଆରଡ଼ି ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହୁଛି। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଗାଡ଼ ଥିବାରୁ ବିଭିନ୍ନ ସମୟରେ ଛୋଟମୋଟ ଦୁର୍ଘଟଣା ମଧ୍ୟ ଘଟୁଛି। ଶ୍ରାବଣ ମାସରେ କାଉଡ଼ିଆମାନେ ସୁରୁଖୁରୁରେ ଯାତାୟାତ ପାଇଁ ଉକ୍ତ ସ୍ଥାନରେ ଡଷ୍ଟ ଓ ମେଟାଲ ପକାଇ ରାସ୍ତା ମରାମତି କରିବାକୁ ଜିଲାପାଳ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜଣେ ଠିକାଦାର ସେହି ସ୍ଥାନରେ କେଇବସ୍ତା ଚିପ୍ସ ପକାଇ କାମ ସାରି ଦେଇଥିଲେ। ଫଳରେ ଲଗାଣ ବର୍ଷାରେ ସେହି ସ୍ଥାନ ଏବେ ବିପଦସଙ୍କୁଳ ସାଜିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପାଳନ ପୂର୍ବକ ଉକ୍ତ ସ୍ଥାନରେ ରାସ୍ତା ମରାମତି ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଆଗାମୀ ୫ ଦିନ ମଧ୍ୟରେ ରାସ୍ତା ମରାମତି କାମ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲାରେ ଟ୍ରକ୍ ଚୋରି ଗ୍ୟାଙ୍ଗ ସକ୍ରିୟ

### ଟ୍ରକ୍ ଜବତ, ଚାଳକ କୋର୍ଟଚାଲାଣ

କେନ୍ଦୁଝର,୨୮।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହର ସଠିଘର (ଏନ୍‌ଏଚ ୨୦) ନିକଟରୁ ଚୋରି ହୋଇଥିବା ୧୨ ଚକିଆ ଟ୍ରକ ଝାଡ଼ଖଣ୍ଡରୁ ଚମ୍ପୁଆ ପୋଲିସ ଜବତ କରିବା ଘଟଣାରେ ଟାଉନ ଥାନା ପୋଲିସ ଟ୍ରକ୍ ଚାଳକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଚମ୍ପୁଆ ଅଞ୍ଚଳର ଏମ୍‌ଡି ୱାସିନ। ଚୋରି ଘଟଣାରେ ଏକ ର୍‌ୟାକେଟ ସକ୍ରିୟ ଥିବା ବେଳେ ପୋଲିସ ଅନ୍ୟ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ପ୍ରକାଶ ଯେ, ଜୁଲାଇ ୨୪ ତାରିଖ ରାତି କେନ୍ଦୁଝର ପୁରୁଣା ସହର ରାଜଉଆସ ନିକଟ ସଠିଘର ନିକଟରେ ଠିଆ ହୋଇଥିବା ୧୨ ଚକିଆ ଟ୍ରକ୍ (ନଂ ଓଆର୍ ୦୯ ଏଏନ ୦୮୪୯ ଗାଡ଼ିକୁ ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଟ୍ରକ୍ ଝାଡ଼ଖଣ୍ଡ ନିଆଯାଉଥିବା ବେଳେ ସୂଚନା ପାଇ ଚମ୍ପୁଆ ପୋଲିସ ପିଛା କରିଥିଲେ। ଝାଡ଼ଖଣ୍ଡ ରାଜ୍ୟର ହାଟଗମ୍ଭାରିଆ ପୋଲିସର ସହାୟତାରେ ଖରସୁଆଁ ଅମଦା ନିକଟରେ ଜବତ କରି ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ଗିରଫ ଡ୍ରାଇଭରଙ୍କୁ ଜେରା ସମୟରେ ଚୋରି ପଛରେ ଏକ ଗ୍ୟାଙ୍ଗ କାମ କରୁଥିବା ପୋଲିସ ସୂଚନା ପାଇଛି। ର୍‌ୟାକେଟ୍ ବହୁ ଗାଡ଼ି ଚୋରି କରି ବାହାରେ ବିକ୍ରି କରିଥିବା ସନ୍ଦେହ କରାଯାଉଛି। ତାହାର ତଦନ୍ତ ଚାଲିଛି ଏବଂ ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ ହେବ ବୋଲି ଟାଉନ ଥାନା ଅଧିକାରୀ ସୁନିଲ କର କହିଛନ୍ତି।

# ମଣିପୁର ହିଂସା ବିରୋଧରେ ମହିଳା କଂଗ୍ରେସର ବିକ୍ଷୋଭ

ଭଦ୍ରକ, ୨୮।୭
(ସନାତନ ରାଉତ/ରବିନାରାୟଣ ଖିଲାର)




ମହିଳା କଂଗ୍ରେସ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ମଣିପୁରରେ ଲାଗି ରହିଥିବା ହିଂସା ଓ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣାକୁ ବିରୋଧ କରି ମହିଳା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାନେତ୍ରୀ ସବିତା ଚାନ୍ଦ, ଜିଲା ସଭାପତି ଅଶୋକ ଦାଶ, ପୂର୍ବତନ ସଭାପତି ସୁବ୍ରତ ଦାଶ, ଭଦ୍ରକ ବିଧାନସଭା କ୍ଷେତ୍ର ନେତା ନଳିନୀ ମହାନ୍ତି, ପ୍ରଦ୍ୟୁମ୍ନ ଦାସ ଓ ଜିଲା ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ରଙ୍କ ନେତୃତ୍ୱରେ ମହିଳାମାନେ ବ୍ୟାନର ପ୍ଲାକାର୍ଡ ଧରି ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମଣିପୁର ଘଟଣା ପାଇଁ ଆମ ଦେଶ ସାରା ବିଶ୍ୱରେ ଲଜ୍ଜିତ ହୋଇଛି। ଏ ବିଷୟରେ ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲି ବିଦେଶ ଯାତ୍ରାରେ ବ୍ୟସ୍ତ ରହୁଛନ୍ତି। ଦୀର୍ଘଦିନ ଧରି ସେଠାରେ ହିଂସା ଲାଗି ରହିଥିବାବେଳେ ସ୍ଥିତି ନିୟନ୍ତ୍ରଣ କରିବାରେ ମଣିପୁର ସରକାର ବିଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଓ ମଣିପୁର ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ମହିଳା ନେତ୍ରୀମାନେ ଦାବି କରିଥିଲେ। ପରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମହିଳା କଂଗ୍ରେସର ଜିଲା ଉପସଭାନେତ୍ରୀ ଶର୍ମିଷ୍ଠା ପଣ୍ଡା, ଲୋକସଭା ନେତ୍ରୀ ମଧୁମିତା ସେଠୀ, ବାସୁଦେବପୁର ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ସମ୍ପାଦିକା ସ୍ନେହଲତା ମହାକୁଡ଼, କାଉନସିଲର ରୁକ୍‌ସାନା ଖାତୁନ, ଭଣ୍ଡାରିପୋଖରୀ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ବିଭିନ୍ନ ବ୍ଲକର ମହିଳାମାନେ ଏଥିରେ ଯୋଗ ଦେଇଥିଲେ।

# ଶେରଗଡ଼-ନୀଳଗିରି ଝରଣାଘାଟି ରାସ୍ତା ଶିଳାନ୍ୟାସ ଆଜି

### ଯୋଗଦେବେ କେନ୍ଦ୍ର ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ

ନୀଳଗିରି, ୨୮।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ବହୁ ପ୍ରତିକ୍ଷୀତ ଶେରଗଡ଼ ନୀଳଗିରି ଝରଣାଘାଟି (ଏସ୍‌ଏନ୍‌ଜେ) ୧୯ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ ସହିତ ୪ ଲାଇନ୍ ବିଶିଷ୍ଟ ରାସ୍ତାର ଶିଳାନ୍ୟାସ ଶନିବାର ଅନୁଷ୍ଠିତ ହେବ। ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଭର୍ଚୁଆଲରେ ଉଦ୍‌ବୋଧନ ଦେବା ସହ କେନ୍ଦ୍ର ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ଉପସ୍ଥିତ ରହି ଶିଳାନ୍ୟାସ କରିବେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉପସ୍ଥିତ ରହିବା ନେଇ ସୂଚନା ରହିଛି।

ଅନ୍ୟପକ୍ଷରେ ଏହି ରାଜ୍ୟ ରାଜପଥରେ ପୂର୍ବରୁ ଭାରିଯାନ ଯାତାୟାତ ଯୋଗୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଚାଲିଥିଲା। ଏଥିପାଇଁ ନୀଳଗିରିବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଥିବା ବେଳେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଭେଟି ଏହି ପ୍ରକଳ୍ପ ଲାଗି ଦାବି ଉପସ୍ଥାପନ କରି ୧୨୫କୋଟି ବ୍ୟୟରେ କେନ୍ଦ୍ରୀୟ ଅନୁଦାନରେ ନିର୍ମିତ ହେବାକୁ ଥିବା ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ନିର୍ମାଣ ଦାୟିତ୍ୱ ନେଇ ଟେଣ୍ଡର ହୋଇଥିଲା। ଶ୍ରୀଦୁର୍ଗା ନାମକ ସଂସ୍ଥା କାର୍ଯ୍ୟକୁ ୨୦୨୧ ଡିସେମ୍ବର ୧୮ ତାରିଖରେ ହାତକୁ ନେଇଥିଲା। ପୂର୍ତ୍ତ ବିଭାଗ ୨୦୨୨ରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୨୪ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଦେଖିବାକୁ ମିଳିଛି। ଗଛକଟା ହୋଇପାରି ନ ଥିବାରୁ ସମସ୍ୟା ହେଉଥିବା ବେଳେ ଠିକା ସଂସ୍ଥା ଅସହାୟ ମନେ କରୁଛି। ବନବିଭାଗ ସହଯୋଗ କରୁ ନ ଥିବା ସଧାରଣରେ ଆଲୋଚନା ହେଉଥିବା ବେଳେ ପୂର୍ବରୁ ସ୍ଥାନୀୟ ବିଧାୟକ ଇଂ. ନାୟକ ମନ୍ଥରତାକୁ ନେଇ ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।




ନୀଳଗିରି-ଝରଣାଘାଟି ରାସ୍ତା।

## ଜାତୀୟ ରାଜପଥରେ ଟ୍ରକ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

ଜଳେଶ୍ୱର, (ରବିନାରାୟଣ ପାତ୍ର)-୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅଧୀନ ଚାଲନ୍ତି ଛକ ନିକଟରେ ଜଣେ ଟ୍ରକ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ତାମିଲନାଡୁରୁ କୋଲକାତା ଅଭିମୁଖେ ଯାଉଥିବା ଏକ ନିର୍ଦ୍ଦିଷ୍ଟ କମ୍ପାନୀର ୪ଟି ଟ୍ରକ ଚାଲନ୍ତିଠାରେ ଅଟକିଥିଲା। ଚା' ପିଇବା ଲାଗି ନିକଟସ୍ଥ ରତିକାନ୍ତ ଗିରିଙ୍କ ଦୋକାନକୁ ଯାଇଥିଲେ। ଟ୍ରକ ଚାଳକ ପି. ଲକ୍ଷ୍ମଣ ଚା' ପିଉଥିବା ବେଳେ ହଠାତ୍ ତଳେ କଚାଡି ପଡିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଡ୍ରାଇଭରମାନେ ତାଙ୍କୁ ସେଠାରୁ ଜିକେଭଞ୍ଜର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ, ଜଣେ ମୃତ

କେନ୍ଦୁଝର,୨୮।୭ ( ନରେଶ ଚନ୍ଦ୍ର ପଟ୍ଟନାୟକ) କେନ୍ଦୁଝର ଟାଉନ ଥାନା କବିଟ୍ରା ମେଡ଼ିକାଲ ଓଭରବ୍ରିଜ ନିକଟରେ ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ କେନ୍ଦୁଝର ସହର ନୂଆସାହିର ବିକାଶ ସାହୁ(୩୮)। ଟାଉନ ଥାନା ପୋଲିସ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଯୌତୁକ ଦାବିରେ ବଧୂ ନିର୍ଯାତନା

କୁଳିଅଣା,୨୮।୭(ଗୋପୀନାଥ ବେହେରା): ଖୁଣ୍ଟା ଥାନା ଅଧୀନ ମହୁଲଡିହି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ପରିବାର ଲୋକେ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦେଉଥିବା ନେଇ କୁଳିଅଣା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କୁଳିଅଣା ଥାନା ଅଧୀନ ହଳଦୀବଣି ଗ୍ରାମର ସ୍ୱର୍ଗତ ମୋଚିରାମ ଟୁଡୁଙ୍କ ଝିଅ ଦୁଖନିଙ୍କ ସହିତ ଖୁଣ୍ଟା ଥାନା ଅନ୍ତର୍ଗତ ମହୁଲଡିହି ଗ୍ରାମର ଶରତ ଚନ୍ଦ୍ର ମୁର୍ମୁଙ୍କ ପୁଅ ଅଜୟଙ୍କର ୩ ବର୍ଷ ତଳେ ସାନ୍ତାଳୀ ପ୍ରଥା ଅନୁଯାୟୀ ବିବାହ ହୋଇଥିଲା। ବରପକ୍ଷର ଦାବି ମୁତାବକ କନ୍ୟା ଘର ପକ୍ଷରୁ ସବୁ ଜିନିଷ ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ଘରୁ ତଡ଼ି ଦେଇଥିଲେ। ଏବେ ସେ ନିଜ ଭାଇ ଘରେ ରହୁଥିବା ବେଳ ଏନେଇ କୁଳିଅଣା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୯୭/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ହେମନ୍ତ ଜିଲା ଯୁବ କଂଗ୍ରେସ ସଭାପତି

ଭଦ୍ରକ,୨୮।୭(ସନାତନ ରାଉତ)- ଭଦ୍ରକ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ହେମନ୍ତ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ୪ଜଣ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅଲ୍ ଇଣ୍ଡିଆ ଯୁଥ୍



କଂଗ୍ରେସ ପକ୍ଷରୁ ବିଭିନ୍ନ ପଦବୀ ନିମନ୍ତେ ଗତ ମାର୍ଚ୍ଚରେ ଅନ୍‌ଲାଇନ ଭୋଟିଂ ହୋଇଥିଲା। ଯୁବକମାନଙ୍କ ପାଇଁ ତଥା ଦଳ ଲାଗି ନିଷ୍ଠାର ସହ କାମ କରିବେ। ବୁଥ୍ ସ୍ତରରେ ଯୁବକମାନଙ୍କୁ ଏକତ୍ର କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳକୁ ମଜଭୁତ କରିବାକୁ ପ୍ରୟାସ କରିବେ ବୋଲି ହେମନ୍ତ କହିଛନ୍ତି। ବିଜୟ ପାଇଁ ସେ ଦଳର ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ, ପିସିସି ସମ୍ପାଦକ ମନୋଜ ବିଶ୍ୱାଳ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ଜିଲା ସଭାପତି ଅଶୋକ ଦାସ, ଯୁବ କଂଗ୍ରେସ ନେତା ସତ୍ୟନାରାୟଣ ପୁହାଣ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କାର୍‌ରେ ଛେଳି ଚୋରି ଅଭିଯୋଗ

### ୨ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଲୋକେ

ଚମ୍ପୁଆ,୨୮।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବଜାର ମଧ୍ୟରୁ ଛେଳି ଚୋରି ଅଭିଯୋଗ ହୋଇଛି। ଘର ଆଗରେ ବନ୍ଧା ହୋଇଥିବା ଛେଳିକୁ ୨ ଯୁବକ କାରରେ ଭର୍ତ୍ତି କରି ନେଇଯାଉଥିବା ବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ଦୁଇ ଅଭିଯୁକ୍ତଙ୍କୁ ଚମ୍ପୁଆ ପୋଲିସରେ ଜିମା ଦେଇଥିଲେ। ପୋଲିସ ମାମଲା (ନଂ. ୧୧୧/୨୦୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗୁରୁବାର ସକାଳ ୯ ଘଟିକା ସମୟରେ ଓଡି ୦୫ ବିସି ୮୬୨୦ ମାରୁତି ସୁଇଫ୍ଟ କାର ଯୋଗେ ୩ ଜଣ ଚମ୍ପୁଆ ଗୌଡ଼ ସାହିରୁ ବିଶ୍ୱଜିତ୍ ପତିଙ୍କ ଘର ଆଗରେ ବନ୍ଧା ହୋଇଥିବା ଛେଳିକୁ କାରରେ ନେଇ ପଳାଉଥିଲେ। ପରିବାର ସଦସ୍ୟ ଦେଖି କାର ପଛରେ ଦୌଡ଼ାଇବା ସହିତ ଛେଳି ନେଇଗଲା ବୋଲି ଚିତ୍କାର କରିଥିଲେ। ଲୋକେ କାରକୁ ପିଛାକରି କାଞ୍ଜିଆଶୁଳାରୁ ଭଣ୍ଡା ରାସ୍ତାରେ ଗାଡ଼ି ଓ ଚୋରମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଚୋରିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଗ୍ରାମର ଦିପୁ ସେଠୀ ଓ କଟକ ଖୋଲର୍ଦା ଅଞ୍ଚଳର ନିର୍ମଳ ବେହେରାଙ୍କୁ ଚମ୍ପୁଆ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଚୋରିରେ ବ୍ୟବହୃତ ଗାଡ଼ି ଜବତ କରିଛି।

# ୨୭ ସ୍ଥାନରେ ୬ କର୍ମଚାରୀ କାର୍ଯ୍ୟରତ

**■ଡିଭିଜନାଲ ଶ୍ରମ କାର୍ଯ୍ୟାଳୟ**
**■ସେବାରୁ ଲୋକେ ବଞ୍ଚିତ**

କେନ୍ଦୁଝର,୨୮।୭(ଦୀପକ ମିଶ୍ର)

ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଶ୍ରମ ବିଭାଗ କାମ କରେ। ମାତ୍ର ଏହି ବିଭାଗର କର୍ମଚାରୀ ନିଅଣ୍ଟ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। କେନ୍ଦୁଝର ଜିଲା ସଦର ମହକୁମାରେ ଥିବା ଡିଭିଜନାଲ ଶ୍ରମ ଆୟୁକ୍ତ ଓ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ ବିଭିନ୍ନ କାର୍ଯ୍ୟ ଡେରି ହେଉଥିବା ପରିଲକ୍ଷିତ ହେଉଛି। ଏହାଦ୍ୱାରା ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ବାଟବଣା ହେଉଥିବାବେଳେ ସେସ୍ ଆଦାୟ ହୋଇପାରୁନାହିଁ। ଜିଲାରେ ଯେତିକି ପରିମାଣର ଲେବର ସେସ୍ ଆଦାୟ କରାଯାଉଛି, ସେହି ଅନୁପାତରେ ଖର୍ଚ୍ଚ କରାଯାଇପାରୁନାହିଁ। କର୍ମଚାରୀ ଅଭାବ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ଅଭିଯୋଗ ହେଉଛି।

ପ୍ରକାଶ ଯେ, ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ମୋଟ ଅନୁମୋଦିତ ୨୭ ପଦବୀ ରହିଛି। ଏଥି ମଧ୍ୟରୁ ଜିଲା ଶ୍ରମ ଅଧିକାରୀ ୨ଟି ଅନୁମୋଦିତ ପଦବୀ ଥିବାବେଳେ ୧ଟି ପଦବୀ ଫାଙ୍କା ପଡ଼ିଛି। ସହକାରୀ ଶ୍ରମ ଅଧିକାରୀ ୧୪ ପଦବୀରୁ ୧୨ ଫାଙ୍କା। ଅନୁରୂପ ଭାବରେ ରୁରାଲ ଲେବର ଇନ୍ସପେକ୍ଟର ପଦବୀ ୩ଟି ଅନୁମୋଦିତ ଥିଲେ ମଧ୍ୟ ଏହି ପଦବୀକୁ ଉଠାଇ ଦିଆଯାଇଛି। ୪ କନିଷ୍ଠ କିରାଣି ପଦ ମଧ୍ୟରୁ ୨ ପଦବୀ ଫାଙ୍କା ରହିଛି। ୪ ପିଅନ ପଦବୀ ମଧ୍ୟରୁ ୩ ଫାଙ୍କା ରହିଛି। ଅନୁମୋଦିତ କର୍ମଚାରୀ ପଦବୀ ମଧ୍ୟରୁ ଅଧାରୁ ଅଧିକ ପଦବୀ ଫାଙ୍କା ରହିଥିବାବେଳେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ବେସରକାରୀସ୍ତରରେ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅଟକଳ ମୂଲ୍ୟର ଗୃହ ନିର୍ମାଣ ପାଇଁ ୧% ଶ୍ରମିକ କଲ୍ୟାଣ ପାଣ୍ଠିରେ ଅର୍ଥ ଜମା କରିବାର ନିୟମ ଥିଲେ ମଧ୍ୟ କର୍ମଚାରୀ ଅଭାବରୁ ଅର୍ଥ ଆଦାୟ ହୋଇପାରୁନାହିଁ। ଏଥିପାଇଁ ବର୍ଷକୁ କୋଟି କୋଟି ଟଙ୍କା ସେସ୍ ବାବଦ ଅର୍ଥ ଆଦାୟ ନ ହୋଇ ପଡ଼ିରହିଛି। କେନ୍ଦୁଝର ଜିଲାରେ ଏବେ ଶ୍ରମ ବିଭାଗର କର୍ମଚାରୀ ମରୁଡ଼ି ଯୋଗୁ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ମଧ୍ୟ ଠିକ୍ ଭାବରେ ହୋଇପାରୁନାହିଁ। ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି ବୋଲି ଡିଭିଜିନାଲ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗୋଇପାଇ କହିଥିଲେ।

# 'ଫକୀରମୋହନ ସେନାପତି ଓ ମୁନସୀ ପ୍ରେମଚାନ୍ଦ : ଏକ ତୁଳନାତ୍ମକ ଅଧ୍ୟୟନ'



ପାଠଚକ୍ରରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର,୨୮।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟଠାରେ ସାହିତ୍ୟ ଏକାଡେମୀ, କୋଲକାତା ଏବଂ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ 'ଫକୀରମୋହନ ସେନାପତି ଓ ମୁନସୀ ପ୍ରେମଚାନ୍ଦ : ଏକ ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ, ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର, ସାହିତ୍ୟ ଏକାଡେମୀ ଆଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର କୁମାର ଦେବେଶ, ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଏହି ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ଭିତ୍ତି ପ୍ରବନ୍ଧ ପାଠ କରି ଫକୀରମୋହନ ସେନାପତି ଓ ପ୍ରେମଚାନ୍ଦ ମାନବବାଦୀ ତଥା ସାମାଜିକ ବାସ୍ତବବାଦୀ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ଲେଖନୀଚାଳନା କରିଛନ୍ତି ବୋଲି ମତ ଦେଇଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉଭୟ ସାହିତ୍ୟିକ ଫକୀରମୋହନ ଓ ପ୍ରେମଚାନ୍ଦଙ୍କ ବ୍ୟକ୍ତିଗତ ଜୀବନ ଓ ସାରସ୍ୱତ ଜୀବନରେ କିପରି ସାମଞ୍ଜସ୍ୟ ରହିଛି, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗରେ ଓଡ଼ିଆ, ଇଂଲିଶ, ଉର୍ଦ୍ଦୁ ଏକାଠି ହୋଇ ରହିଥିବାରୁ ଏଠାରେ ତୁଳନାତ୍ମକ ଅଧ୍ୟୟନର ପ୍ରକୃଷ୍ଟ କ୍ଷେତ୍ର ରହିଛି ବୋଲି ପ୍ରକାଶ କରିଥିଲେ। ଡ. ଦେବେନ୍ଦ୍ର କୁମାର ଦେବେଶ ସାହିତ୍ୟ ଏକାଡେ଼ମୀ ବର୍ଷକୁ ପ୍ରାୟ ସମସ୍ତ ଶିକ୍ଷାନୁଷ୍ଠାନ ସହିତ ମିଳିତ ଭାବେ ସାହିତ୍ୟର ବିଭିନ୍ନ ବିଷୟରେ କର୍ମଶାଳା ଆୟୋଜନ କରି ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିବାର ପ୍ରୟାସ କରିଥାଏ, ଏକାଡେମୀ ପ୍ରକାଶିତ ପୁସ୍ତକ ମେଳା ମାଧ୍ୟମରେ ପାଠକଙ୍କୁ ନୂଆ ନୂଆ ପୁସ୍ତକ ଯୋଗାଇଥାଏ ଏବଂ ଓଡ଼ିଶାର ଭୁବନେଶ୍ୱରଠାରେ ପ୍ରଥମ କରି ଏକାଡେମୀର ପୁସ୍ତକ ଯୋଗାଣ କେନ୍ଦ୍ର କାର୍ଯ୍ୟକାରୀ ହେଉଛି ଯାହା ଅନ୍ୟ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସମ୍ଭବ ହୋଇନାହିଁ। ଆସନ୍ତା ୩୧ରେ ପ୍ରେମଚାନ୍ଦଙ୍କ ଜନ୍ମତିଥି ପଡୁଥିବା ହେତୁ ଏହି କର୍ମଶାଳା ବେଶ ଯଥାର୍ଥ ହୋଇଛି ବୋଲି ପ୍ରକାଶ କରିଥିଲେ। ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱରେ ମହାନ ବ୍ୟକ୍ତି ବିଶେଷଙ୍କ ଚିନ୍ତାଧାରା ଏକ-ପ୍ରକାର ବା ସମାନଧରଣର ହୋଇଥାଏ, ଏହି ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପ୍ରାସଙ୍ଗିକ ପାଠଚକ୍ରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ବୋଲି ମତ ଦେଇଥିଲେ। ଏଥିରେ ପ୍ରଫେସର ବବ୍ରୁବାହନ ମହାପାତ୍ର, ଡ. ସଙ୍ଘମିତ୍ରା ଭଞ୍ଜ, ଡ. ଦୀପ୍ତି ପ୍ରକାଶ ମହାପାତ୍ର, ଡ. କବିତା ପାତ୍ର, ଡ. ମହମ୍ମଦ ଶରିବ, ଡ. ସୌମ୍ୟା ସଙ୍ଗୀତା ସାହୁ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ପ୍ରଫେସର ରବୀନ୍ଦ୍ର ମିଶ୍ର, ଡ. ଅରବିନ୍ଦ ଗିରି ପ୍ରମୁଖ ସଭାପତିତ୍ୱ କରିଥିଲେ। ଡ. ଜୟନ୍ତ କୁମାର ଦାସ, ଡ. ଦେବସ୍ମିତା ବାରିକ, ଡ. ହେମଲତା ବେହେରା ଓ ଡ. ପ୍ରହ୍ଲାଦ ଖିଲ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଯୋଡ଼ା,୨୮।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରାଠାରେ ଜଣେ ବ୍ୟକ୍ତି ଫାଶି ଲାଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଗବନ୍ଧୁ ମହାନ୍ତ (୨୭)। ଜଗବନ୍ଧୁ ଗୁରୁବାର ବିଳମ୍ବିତ ରାତିରେ ଘରେ ଗାମୁଛା ବେକରେ ବାନ୍ଧି ଝୁଲିପଡ଼ି ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ବିଲେଇପଦା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନରେ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଘରେ ପଶି ଟଙ୍କା, ସୁନା ଲୁଟିନେଲେ

ବୈଶିଙ୍ଗା,୨୮।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କୁଆଶୋଳ ଗ୍ରାମର ଗୌରୀଶଙ୍କର ବେହେରାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟି ନେଇଛନ୍ତି। ଗୁରୁବାର ଗୌରୀଶଙ୍କର କୌଣସି କାମରେ ବାଲେଶ୍ୱର ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା(୨ଟି ସୁନା ଚେନ, ୬ଟି ମୁଦି, ୬ଟି କାନଫୁଲ ଏବଂ ଗୋଟେ ସୁନା ବ୍ରେସ୍‌ଲେଟ )ସମେତ ଜମି କିଣିବା ପାଇଁ ରଖିଥିବା ନଗଦ ୪ଲକ୍ଷ ୫୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୮୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଗୁଆମାଳ ସମବାୟ ସମିତିରୁ ତାଲା ଖୋଲିଲା

**୯ଦିନ ତାଲା ଝୁଲିବା ପରେ ସଭାପତିଙ୍କ ହସ୍ତକ୍ଷେପ**

ତିହିଡ଼ି,୨୮।୭(ସଞ୍ଜିତ୍ ବଳ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ସେବା ସମବାୟ ସମିତିରେ ୯ଦିନ ହେଲା ତାଲା ଝୁଲି ରହିଥିଲା। ସଭାପତି ମାନସ ପାଠୀଙ୍କ ହସ୍ତକ୍ଷେପ ପରେ ଶୁକ୍ରବାର ସମିତିରୁ ତାଲା ଖୋଲିଛି। ସଭାପତି ପାଠୀ ଶନିବାର ସମିତିର ବୋର୍ଡ ସଦସ୍ୟମାନଙ୍କର ଏକ ଜରୁରୀ ବୈଠକ ଡକାଇଛନ୍ତି। ସମିତିରେ ଥିବା ବିଭିନ୍ନ ସମସ୍ୟା, ଧାନ କ୍ରୟ ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିବା ଲକ୍ଷ୍ୟରେ ସେ ଏହି ବୈଠକ ଡାକିଥିବା ଜଣାଯାଇଛି।

ପ୍ରକାଶ ଯେ, ଗତ ୧୯ ତାରିଖଠାରୁ ସମିତିରେ ତାଲା ଝୁଲି ରହିଥିଲା। ପରଦିନ ସମ୍ପାଦକ ମୁକ୍ତିକାନ୍ତ ଜେନା ସମିତିକୁ ଯିବା ପରେ ଏହା ଜାଣିବାକୁ ପାଇଥିଲେ। କେତେଜଣ ବୋର୍ଡ ସଦସ୍ୟ ସମିତିରେ ତାଲା ପକାଇଥିବା ପିଅନ କହିଥିଲେ। ପରେ ସମ୍ପାଦକ ଜେନା ଏ ସମ୍ପର୍କରେ ଜିଲା ଉପନିବନ୍ଧକ, ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି, ତିହିଡ଼ି ଶାଖା ପରିଚାଳକ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ସମିତିକୁ ସଚଳ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଘଟଣା ସମୟରେ ସମିତିର ସଭାପତି ପାଠୀ ଜରୁରୀ କାର୍ଯ୍ୟରେ ବିଦେଶ ଗସ୍ତରେ ଥିଲେ। ସେ ଫେରିବା ପରେ ସମସ୍ତ ଘଟଣାର ଅନୁଧ୍ୟାନ କରି ତାଲା ଖୋଲିବା ଦିଗରେ ପଦକ୍ଷେପ ନେଇଥିଲେ।

# ବର୍ଷାରେ ପଲିଥିନ ତଳେ ୨ ପରିବାର

**ଥଇଥାନ ଦାବିରେ ଧାରଣା ୩ୟ ଦିନରେ**

ଭଦ୍ରକ,୨୮।୭(ସନାତନ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ଦୋସିଙ୍ଗା ମୌଜା ପ୍ରଦ୍ୟୁତନଗରର ଦୁଇ ଭୂମିହୀନ ପରିବାର ଥଇଥାନ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ବୁଧବାରଠାରୁ ଧାରଣାରେ ବସିଛନ୍ତି। ଝିପିଝିପି ବର୍ଷାରେ ପଲିଥିନ ତଳେ ୩ ଦିନ ଧରି ସେମାନେ ଧାରଣାରେ ବସିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଦୁଃଖ ଶୁଣି ନ ଥିବା ପ୍ରକାଶ କରିଛନ୍ତି। କଂଗ୍ରେସ ପକ୍ଷରୁ ସେମାନଙ୍କ ଦାବିକୁ ସମର୍ଥନ ଜଣାଇ ବିଧାନସଭା କ୍ଷେତ୍ର ନେତା ନଳିନୀକାନ୍ତ ମହାନ୍ତି, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ଲୋକସଭା ନେତ୍ରୀ ମଧୁମିତା ସେଠୀ ପ୍ରମୁଖ ସେମାନଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନକୁ ଜଣାଇଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ଶୁଭେନ୍ଦୁ ଦଳେଇ ଓ ପ୍ରଦୀପ ଦଳେଇଙ୍କ ପରିବାର ଦୀର୍ଘବର୍ଷ ଧରି ରହି ଆସୁଥିଲେ। ୨୦୧୧ରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଇନ୍ଦିରା ଆବାସ ପ୍ରଦାନ କରାଯାଇଥିଲା। ସେହି ଜାଗାରେ ଗୃହ ନିର୍ମାଣ କରି ସେମାନେ ରହୁଥିବା ବେଳେ ଉକ୍ତ ଜମିକୁ ଗୋଚର ଦର୍ଶାଇ ପ୍ରଶାସନ ପକ୍ଷରୁ ବିନା ନୋଟିସ୍‌ରେ ଗତ ଜୁନ ୨୬ରେ ଉଚ୍ଛେଦ କରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ ସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟରେ ଉଚ୍ଛେଦ କରାଯାଇଛି। ଦୁଇ ପରିବାରର ଶିଶୁ ଓ ବୃଦ୍ଧାବୃଦ୍ଧଙ୍କୁ ମିଶାଇ ୧୬ ସଦସ୍ୟ ଏବେ ବର୍ଷାଦିନେ ପଲିଥିନ ଟାଙ୍ଗି ରହୁଥିବା କହିଛନ୍ତି। ଭୂମିହୀନ ପଟ୍ଟା ଓ ଥଇଥାନ ଦାବିରେ ଶୁଭେନ୍ଦୁ ଓ ପ୍ରଦୀପଙ୍କ ସମେତ ରାଜ କୁମାର ଦଳେଇ, ସୁଶାନ୍ତ ଦଳେଇ, ମମତା ଦଳେଇ, ପ୍ରମିଳା ଦଳେଇ, ସଞ୍ଜୁଲତା ଦଳେଇ, ରଞ୍ଜିତା ଦଳେଇ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ଯାଏ ଧାରଣାରେ ବସି ରହିବେ। ସେମାନଙ୍କ କଥା ନ ଶୁଣିଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।





ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ୨ ପରିବାରର ସଦସ୍ୟ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଗାୟତ୍ରୀ



@ନମି



@ଚିନ୍ମୟ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଓଷ୍ଟା ଶିକ୍ଷକ ସଂଘର ବୈଠକ

ଗୋପବନ୍ଧୁ ନଗର, ୨୮।୭ (ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ପୁରୁଣା ବାରିପଦା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସଂଘର ସଭାପତି ପ୍ରଶାନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସମସ୍ୟା ସହ ୧୦ ଦଫା ଦାବି ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଅନୁଦାନରୁ ବଞ୍ଚିତ ଯୋଗ୍ୟ ବିବେଚିତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ୨୨୬ ଓ ୩୯୯ ବିଦ୍ୟାଳୟଗୁଡିକୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କର ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗ କରିବା ପ୍ରଭୃତି ଦାବି ନେଇ ଆଲୋଚନା ହୋଇଥିଲା। ତେବେ ଉକ୍ତ ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଓଷ୍ଟା ସଂଘ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଉକ୍ତ ଦାବି ନେଇ ସଂଘ ପକ୍ଷରୁ ଅଗଷ୍ଟ ୯ରେ ଜିଲା ଓ ୧୬ରେ ରାଜଧାନୀଠାରେ ବିରାଟ ସମାବେଶ ହେବ ବୋଲି ସଂଘ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଉକ୍ତ ବୈଠକରେ ସଂଘର ସମ୍ପାଦକ ମନୋରଞ୍ଜନ ବାରିକ, ସହ ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଉପ ସଭାପତି ଅରବିନ୍ଦ ଶତପଥୀ, ରାଜ୍ୟ ଓଷ୍ଟା ସଂଘର ସଦସ୍ୟ ତଥା ଜିଲା ଯୁଗ୍ମ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଜିବି ନଗର ବ୍ଲକ ଓଷ୍ଟା ସଂଘର ଉପଦେଷ୍ଟା ଶଶୀଧର ବାରିକ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗୋଡ଼ାଇ କାମୁଡ଼ିଲା ଶିଆଳ: ୩ ଶିଶୁ ସମେତ ୧୦ ଆହତ

ଖଇରା (ଉତ୍କଳବନ୍ଧୁ ପଣ୍ଡା)/ ସୋର (ଜନ୍ମେଜୟ ମିଶ୍ର),୨୮।୭

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡାଲଙ୍ଗ ଗ୍ରାମରେ ଶୁକ୍ରବାର ଏକ ଶିଆଳ ଆତଙ୍କ ଖେଳାଇଛି। ୩ଜଣ ଶିଶୁ ସମେତ ୧୦ଜଣଙ୍କୁ ଶିଆଳ କାମୁଡି ଖଣ୍ଡିଆଖାବରା କରିପକାଇଛି। ପରେ ଗ୍ରାମର ପୋଷା କୁକୁରଙ୍କ ସହାୟତାରେ ଶିଆଳକୁ କାବୁ କରାଯିବା ସହ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଓ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଳଦା ଗ୍ରାମଆଡୁ ଏକ ଶିଆଳ ଡାଲଙ୍ଗ ଗ୍ରାମକୁ ପଶିଆସି ପ୍ରଥମେ ମାଡିକୁଡିଆ ଅଙ୍ଗନୱାଡି କେନ୍ଦ୍ରର ଛାତ୍ର ଦୀପଙ୍କର ବେହେରାଙ୍କୁ କାମୁଡିଥିଲା। ପରେ ନିକଟସ୍ଥ ଶରବାଡି ପ୍ରାଥମିକ ବିଦ୍ୟାଳୟକୁ ଯାଉଥିବା ଶିଶୁ ତୃପ୍ତିମୟୀ ବେହେରା, ପବିତ୍ରା ସାହୁ ଓ ଅନ୍ୟ କେତେଜଣ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରି ଖଣ୍ଡିଆଖାବରା କରିଥିଲା। ପିଲାମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଦୌଡି ଆସିବା ପରେ ଶିଆଳ ଗ୍ରାମର କୈଳାସ ମଲ୍ଲିକ(୫୫), ଅର୍ଜୁନ ବେହେରା(୩୦), ମନୋରମା ସାହୁଙ୍କ ସମେତ ଅନ୍ୟ କେତେଜଣ ଗ୍ରାମବାସୀଙ୍କୁ ମଧ୍ୟ ଛାଡି ନ ଥିଲା। ଗ୍ରାମରେ ଥିବା କୁକୁରଗୁଡିକ ଏକାଠି ହୋଇ ଶିଆଳକୁ ଗୋଡେଇ ଗୋଡେଇ କାମୁଡି ଧରିବା ପରେ ଗ୍ରାମବାସୀ ତାଙ୍କୁ ଧରି ବାନ୍ଧିବାକୁ ସକ୍ଷମ ହୋଇଥିଲେ।



